## ଶଶୁର ଘରେ ଜ୍ୱାଇଁର ଆତ୍ମହତ୍ୟା

**ଜୟପୁର,୮।୪(ସମିସ):** ଜୟପୁର ସଦର ଥାନା ଅନ୍ତର୍ଗତ ପଣସପୁର ବାଗ୍ରା ଗ୍ରାମଠାରେ ଶଶୁର ଘରେ ଜ୍ୱାଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ବୈପାରୀଗୁଡ଼ା ଥାନା ବାଲୁଗାଁ ଗ୍ରାମର ଭକ୍ତ ହରିଜନ (୪୫) ବୋଲି ଜଣାପଡ଼ିଛି। ଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ମୃତକ ଶଶୁର ଘର ପଣସପୁଟ ବାଗ୍ରା ଗ୍ରାମଠାରେ ରହୁଥିବାବେଳେ ଚାଷ କରି ଜୀବିକା ନିର୍ବାହ କରୁଥିଲେ। ରବିବାର ପରିବାରରେ ପତ୍ନୀଙ୍କ ସହିତ କଳହ ଯୋଗୁଁ ରାତିରେ ନିଜ ଗୃହ କୋଠରିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ପକ୍ଷରୁ ସକାଳେ ତାଙ୍କର ମୃତଦେହକୁ ଦେଖିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ ପରେ ଜିଲ୍ଲା ଚିକିତ୍ସାଳୟଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଦୀପକ ମଲ୍ଲିକ ପ୍ରକାଶ କରିଛନ୍ତି। ଏନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଚିକିତ୍ସାଧୀନ ଅବସ୍ଥାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ



**ରାୟଗଡ଼ା,୮।୪(ସମିସ):** ରାୟଗଡ଼ା ଜିଲ୍ଲା ସଦରମହକୁମାର ସ୍ଥାନୀୟ ବସଷ୍ଟାଣ୍ଡ ନିକଟରେ ରବିବାର ସକାଳ ୯ଟା ସମୟରେ ଜଣେ ଅଜଣା ବ୍ୟକ୍ତି ଅଚେତ ଅବସ୍ଥାରେ ପଡ଼ି ରହିଥିବାବେଳେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କ ପ୍ରାଥମିକ ଚିକିତ୍ସା କରାଇଥିବାବେଳେ ସେ ଅତ୍ୟଧିକ ମଦ୍ୟପାନ କରିଥିବାରୁ ଅଚେତ ହୋଇଥିବା ଜଣାପଡ଼ିଥିଲା। ପରେ ରାୟଗଡ଼ାରୁ ଉକ୍ତ ଅଜଣା ବ୍ୟକ୍ତିଙ୍କ ଉଚ୍ଚ ଚିକିତ୍ସା ନିମନ୍ତେ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ୧୦ଟା ୩୫ମି.ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଣି ଥରେ କୋରାପୁଟରୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଉକ୍ତ ଅଜଣା ବ୍ୟକ୍ତିଙ୍କ ଶବକୁ ପଠାଇ ଦିଆଯାଇଥିବା ବେଳେ ଆଗାମୀ ୯୬ ଘଣ୍ଟା ପର୍ଯ୍ୟନ୍ତ ମେଡିକାଲର ଶବ ସଂରକ୍ଷଣ ଗୃହରେ ମୃତଦେହକୁ ରଖାଯିବ ଏବଂ କୌଣସି ପରିବାର ସଦସ୍ୟ ତଥା ସମ୍ପର୍କୀୟ ନ ଆସିଲେ ନିୟମ ଅନୁସାରେ ପୌର ସଂସ୍ଥା ପକ୍ଷରୁ ତାଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ମେଡିକାଲ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି।

୨୮ତମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ବିଳାସ ମଞ୍ଜରୀ ଦେବୀ
ଆନନ୍ଦପୁର, କେନ୍ଦୁଝର
ଚୈତ୍ର ଶୁକ୍ଳ ପ୍ରତିପଦା

ମା' ତୋର ଭଲପାଇବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସନ୍ତାନ ବିତ୍ସଳତା, ଅତିଥି ପରାୟଣତା ଆମ ଆଖି ଆଗରେ ଅଦ୍ୟାବଧି ଜାଜ୍ୱଲ୍ୟମାନ । ୨୮ ବର୍ଷ ବିତିଯାଇଥିଲେ ମଧ୍ୟ, ଆମେ ସେହି ଆଶିଷକୁ ପାଥେୟ କରି ବଞ୍ଚି ରହିଛୁ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏବଂ ମା ତାରିଣୀଙ୍କ ପାଖରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ:
ସୋମା, ଗଗ, ଶିବାନନ୍ଦ, କଲ୍ୟାଣୀ, ବବ୍ଲୁ, ଟୁବ୍ଲୁ, ମିଲି, ସିଲୁ, ଜିଲୁ, ଶିପ୍ଲୁ, ଲିପ୍ଲୁ, ଦିପ୍ଲୁ, ଜିତୁ, ମାମି, ନନି, ପୁପୁ, ପାପୁ, ମାଉଁନି, ଅମ୍ରିତେଶ, ବନ୍ଧୁ ଓ ପରିବାର ବର୍ଗ

## ରାୟଗଡ଼ା ବନାଞ୍ଚଳରେ ଜଳୁଛି ଜଙ୍ଗଲ

# କାମରେ ଆସୁନି ସଚେତନତା; ଧ୍ୱଂସ ହେଉଛି ମୂଲ୍ୟବାନ ବୃକ୍ଷଲତା



**ରାୟଗଡ଼ା,୮।୪(ସମିସ):** ଜଳୁଛି ଜଙ୍ଗଲ। ହୁତୁହୁତୁ ହୋଇ ମାଡ଼ିଯାଉଛି ନିଆଁ। ବନାଗ୍ନିରେ ଧ୍ୱଂସ ହେଉଛି ମୂଲ୍ୟବାନ ବୃକ୍ଷଲତା। ଖରାଦିନ ଆସିଥିବାବେଳେ କିଏ ଓ କେଉଁମାନେ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି ତାହା ବନ ବିଭାଗ ଜାଣିବା ପୂର୍ବରୁ ବନାଗ୍ନି ଅଣାୟତ ହୋଇ ଜଙ୍ଗଲକୁ ପାଉଁଶରେ ପରିଣତ କରି ଦେଉଛି। ରାୟଗଡ଼ା ବନଖଣ୍ଡର ରାୟଗଡ଼ା ବନାଞ୍ଚଳ ଅଧୀନରେ ଥିବା ୧୭ଟି ସଂରକ୍ଷିତ ଓ ୨୩ଟି ପ୍ରସ୍ତାବିତ ସଂରକ୍ଷିତ ମୋଟ ୪୦ ଜଙ୍ଗଲରେ ନିୟମିତ ଭାବେ ନିଆଁ ଲାଗିଥିବା ଦେଖିବାକୁ ମିଳୁଛି। ୯୦୦ ବର୍ଗ କିଲୋମିଟର କ୍ଷେତ୍ର ବିଶିଷ୍ଟ ରାୟଗଡ଼ା ବନାଞ୍ଚଳରେ ଗତ ଜାନୁଆରୀ ମାସଠାରୁ ଚଳିତ ଏପ୍ରିଲ ମାସ ଆଜି ଯାଏଁ ୨୫୭ଟି ଜାଗାରେ ନିଆଁ ଲାଗିଥିବା ନେଇ ଓଏଫଏମଏସ ସାଟେଲାଇଟ୍ ପୋର୍ଟାଲ ଯୋଗେ ଜଣାପଡ଼ିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।

ବିଶେଷ କରି ଗତ ମାର୍ଚ୍ଚ ୧୫ରୁ ଆଜି ପର୍ଯ୍ୟନ୍ତ ୬୩ଟି ସ୍ଥାନରେ ଅଧିକ ନିଆଁ ଲାଗିଥିବା ଜଣାପଡ଼ିଛି। ରାୟଗଡ଼ା ବନାଞ୍ଚଳ ଅଧୀନସ୍ଥ ଗୁମ୍ମା ସେକ୍ସନର କୋଦୁପାଡୁ, ଗୁମ୍ମା, କୁମ୍ଭିକୋଟା ଓ ନାଥମା ସଂରକ୍ଷିତ ଜଙ୍ଗଲ ସମେତ ରାୟଗଡ଼ା ସେକ୍ସନର ବାରିଝୋଲା ଓ ମାରିଗୁଡ଼ା ସଂରକ୍ଷିତ ଜଙ୍ଗଲ ଓ କୁମୁତଲପେଟା ସେକ୍ସନ ଅଧୀନରେ କୈଳାଶପେଟା ସଂରକ୍ଷିତ ଜଙ୍ଗଲର ସର୍ବାଧିକ ସ୍ଥାନରେ ନିଆଁ ଲାଗୁଥିବା ଦେଖିବାକୁ ମିଳିଛି। ୧୨,୯୦୦ ହେକ୍ଟରରେ କୋଦୁପାଡୁ ସଂରକ୍ଷିତ ଜଙ୍ଗଲ ପରିପୂର୍ଣ୍ଣ ରହିଥିବାବେଳେ ୪୨୫୨ ହେକ୍ଟରରେ ଗୁମ୍ମା, ୧୪୫୩ ହେକ୍ଟରରେ ବାରିଝୋଲା, ୯୯୮ ହେକ୍ଟରରେ ମାରିଗୁଡ଼ା, ୪୯୧୨ ହେକ୍ଟରରେ କୁମ୍ଭିକୋଟା, ୩୮୦ ହେକ୍ଟରରେ ନାଥମା ଏବଂ ୫୪୩୦ ହେକ୍ଟରରେ ପରିପୂର୍ଣ୍ଣ ହୋଇ ରହିଛି କୈଳାଶପେଟା ସଂରକ୍ଷିତ ଜଙ୍ଗଲ। ପ୍ରତିବର୍ଷ ରାୟଗଡ଼ା ବନାଞ୍ଚଳର ଉକ୍ତ ସଂରକ୍ଷିତ ଜଙ୍ଗଲ ସମେତ ଅନ୍ୟାନ୍ୟ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ସ୍ଥାନରେ ଖରାଦିନେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିବାବେଳେ ଜଙ୍ଗଲରେ ବ୍ୟାପୁଥିବା ବନାଗ୍ନିକୁ ଦେଖି ଜଙ୍ଗଲ ନିକଟରେ ବସବାସ କରୁଥିବା ଗ୍ରାମବାସୀମାନେ ଭୟଭୀତ ହୋଇ ଦିନ କାଟିଥାନ୍ତି। ଯାହାକୁ ନେଇ ରାୟଗଡ଼ା ବନଖଣ୍ଡ ଅଧିକାରୀ (ଡିଏଫଓ) ସଚିନ ଆନ୍ନାସାହେବ ଓହୋଲ ରାୟଗଡ଼ା ବନଖଣ୍ଡ ଅଧୀନସ୍ଥ ୭ଟି ବନାଞ୍ଚଳରେ ଥିବା ସଂରକ୍ଷିତ ଓ ପ୍ରସ୍ତାବିତ ଜଙ୍ଗଲରେ ନିଆଁ ନିବାରଣ ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ତଥାପି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରାଯାଇ ପାରୁନାହିଁ। ରାୟଗଡ଼ା ବନାଞ୍ଚଳରେ ବନ ବିଭାଗ କର୍ମଚାରୀଙ୍କ ସମେତ ୨୨ଟି ନିଆଁ ଲିଭାଳି ଦଳକୁ ନିୟୋଜିତ କରାଯାଇଥିଲେ ମଧ୍ୟ ଜଙ୍ଗଲ ମଧ୍ୟରୁ ନିଆଁ ଲାଗିଥିବା ଦେଖିବାକୁ ମିଳୁଛି। ସାଟେଲାଇଟ୍ ଯୋଗେ ନିଆଁ ଲାଗିବା ସ୍ଥାନ ଚିହ୍ନଟ ହେବା କ୍ଷଣି ନିଆଁ ଲିଭାଳି ଦଳ ଓ ବନ ବିଭାଗ କର୍ମଚାରୀମାନେ ମିଶି ଅଳ୍ପ ସମୟ ମଧ୍ୟରେ ନିଆଁ ଲାଗିଥିବା ସ୍ଥାନରେ ପହଞ୍ଚି ନିଆଁକୁ ଲିଭାଇ ଆୟତ କରୁଥିବାବେଳେ ଏହି କାମରେ ଗ୍ରାମବାସୀ ମଧ୍ୟ ସହଯୋଗ କରିଥାନ୍ତି। ଜାନୁଆରୀରୁ ଏପ୍ରିଲ ମାସ ମଧ୍ୟରେ ୨୫୭ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ହାରହାରି ଏହା ୦.୨୫ଏକର ଜାଗାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଥାଏ। ରାୟଗଡ଼ା ବନାଞ୍ଚଳରେ ଥିବା ସଂରକ୍ଷିତ ଓ ପ୍ରସ୍ତାବିତ ଜଙ୍ଗଲର ଅନେକ ମୂଲ୍ୟବାନ ବୃକ୍ଷଲତା ବନାଗ୍ନି ଦ୍ୱାରା ପୋଡ଼ି ପାଉଁଶ ହୋଇଯାଉଥିବା ବେଳେ ଜଙ୍ଗଲରେ ରହୁଥିବା ପଶୁପକ୍ଷୀମାନଙ୍କ ସ୍ଥିତି ଏବେ ଉଦବେଗଜନକ ରହିଛି।



## ଜଙ୍ଗଲ ସୁରକ୍ଷା କରିବାରେ ବନ ବିଭାଗ ବିଫଳ



**ବୈପାରୀଗୁଡ଼ା,୮।୪(ସମିସ)** ଜଳୁଛି ବୈପାରୀଗୁଡ଼ାର ବହୁ ଜଙ୍ଗଲ। ଜଙ୍ଗଲ ପୋଡ଼ି ରୋକିବାରେ ବନ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଚନ୍ଦ୍ରପଡ଼ା ପଞ୍ଚାୟତ ନିକଟ ବଣୁଆଗୁଡ଼ା ନିକଟରେ ଥିବା ବଡ଼ ଡଙ୍ଗର ଜଙ୍ଗଲ ଓ ମନ୍ତ୍ରୀଆମ୍ବ ନିକଟରେ ଥିବା ରାସ୍ତା କଡ଼ରେ ଜଙ୍ଗଲ ସହ ଗାଁ ଗହଳିରେ ଥିବା ସମସ୍ତ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ବନ ବିଭାଗ କର୍ମଚାରୀ ସବୁ ଜାଣି ଚୁପ୍ ବସିଥିବା ଅଭିଯୋଗ ହୋଇଛି। ଜଙ୍ଗଲର ମୂଲ୍ୟବାନ ଗଛ ସହ ବନ୍ୟଜନ୍ତୁମାନଙ୍କ ଜୀବନ ହାନି ଘଟୁଥିବାବେଳେ ବନ ବିଭାଗ କର୍ମଚାରୀ ଏହାକୁ ନିୟନ୍ତ୍ରଣ ତଥା ରୋକିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ସାମ୍ବାଦିକ ଟଙ୍କଧର ଖରାଙ୍କ ବିୟୋଗରେ ଶୋକସଭା

● ଫୋନ୍ ଯୋଗେ ଶୋକବାର୍ତ୍ତା ଦେଲେ ଆସିକା ଏସ୍‌ଡିପିଓ




**ନନ୍ଦପୁର, ୮।୪(ସମିସ):** ଏକ ଧାରରେ ସ୍ୱର୍ଗତ ଟଙ୍କଧର ଖରା ଥିଲେ ସାମ୍ବାଦିକ, କଳାକାର ଓ ରାଜନୀତିଜ୍ଞ ବୋଲି କହିଛନ୍ତି ନନ୍ଦପୁର ବ୍ଲକର ବୁଦ୍ଧିଜୀବୀ। ନନ୍ଦପୁରସ୍ଥିତ ଆମ୍ବେଦକର ଛକରେ ଆୟୋଜିତ ଶୋକସଭାରେ ସୁନାମ୍ୟଧନ୍ୟ କବି ବିଚିତ୍ରନନ୍ଦ ପଣ୍ଡା, ବରିଷ୍ଠ ବିଜେଡି ନେତା ଗୋପାଳକୃଷ୍ଣ ବେବର୍ତ୍ତା, ନନ୍ଦପୁର ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ଗୁରୁ ମାଇ, ସାମାଜିକ କର୍ମୀ ମୁନା ଦଳପତି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୋପାଳ ମାଟାମ, ଦିବାକର ଭତ୍ରା, ମୋହନ ରାଓ ସ୍ମିଥ, ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, କାଞ୍ଚନ ଖେମୁଣ୍ଡୁ, ବାସନ୍ତୀ ନାୟକ, ବି ପୁନ୍ୟବତୀ, କୈଳାସ ଖିଲ, ସୁନୀଲ କୁମାର ସାହୁ, ଈଶ୍ୱର ରାଓ, ଅବସରପ୍ରାପ୍ତ ଶିକ୍ଷକ କିରଣ କୁମାର ପଣ୍ଡାଙ୍କ ସମେତ ନନ୍ଦପୁର ଗ୍ରାମବାସୀ ସ୍ମୃତିଚାରଣ କରିଥିଲେ। ପ୍ରଥମେ ସ୍ୱର୍ଗତ ଟଙ୍କଧର ଖରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏହି ଦୁଃଖଦ ଖବର ନେଇ ଫୋନ୍ ବାର୍ତ୍ତା ଯୋଗେ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହ ସ୍ୱର୍ଗତ ଟଙ୍କଧର ଖରାଙ୍କ କାର୍ଯ୍ୟ ନନ୍ଦପୁର ବ୍ଲକରେ ସ୍ମୃତି ହୋଇ ରହିବ ବୋଲି ବର୍ତ୍ତମାନ ଆସିକା ଏସଡିପିଓ କହିଛନ୍ତି। ବାହାରିପଡ଼ା କଳା ସଂସ୍କୃତି ପରିଷଦ ଓ ନନ୍ଦପୁର ପ୍ରେସ୍ କ୍ଲବ୍ ଅନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସାମ୍ବାଦିକ ତ୍ରିନାଥ ଖରା ପରିଚାଳନା କରିଥିବା ବେଳେ ସାମ୍ବାଦିକ ସୁରଜିତ ବିଶ୍ୱାଳ, ହରେଶ ଖିଲ, ଦୁର୍ଗାପ୍ରସାଦ ପାଡ଼ି, ଅଶୋକ କୁମାର ଅଧିକାରୀ, ମଧୁ ଖେମୁଣ୍ଡୁ, ସାମୁଏଲ୍ ଖେମୁଣ୍ଡୁ ପ୍ରମୁଖ ସହଯୋଗ କରିଥିଲେ। ପାଳକ ବିମଳ ରାଓ ସ୍ମିଥ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍-ବାଇକ୍ ଧକ୍କା; ଆଇଆରବି ଯବାନ ମୃତ

**ନାରାୟଣପାଟଣା,୮।୪(ସମିସ):** ନାରାୟଣପାଟଣା ବ୍ଲକର ଯୋଡ଼ିଯାମ୍ବୋ ନିକଟରେ ସୋମବାର କାର୍-ବାଇକ୍ ଧକ୍କାରେ ଜଣେ ଆଇଆରବି ଯବାନଙ୍କ ମୃତ୍ୟୁ ହୋଇଛି। ମୃତ ଯବାନ ଜଣକ ବରଗଡ଼ ଜିଲ୍ଲାର ଅରୁଣ କୁମାର ବେହେରା। ସେ କୋରାପୁଟ ଜିଲ୍ଲା ଦ୍ୱିତୀୟ ଆଇଆରବି ବାଟାଲିୟନରେ କାର୍ଯ୍ୟରତ ଥିଲେ। ସେ ନାରାୟଣପାଟଣା ବ୍ଲକ୍ ତେନ୍ତୁଳିପଦର କ୍ୟାମ୍ପରେ ଡ୍ୟୁଟି କରୁଥିଲେ। ସୋମବାର ସେ ନାରାୟଣପାଟଣା ବ୍ଲକ୍ ସଦରକୁ ଟଙ୍କା ଉଠାଇବା ପାଇଁ ଆସି ନିଜ ବାଇକ୍ ଯୋଗେ ଫେରୁଥିବା ସମୟରେ ଯୋଡ଼ିଯାମ୍ବୋ ନିକଟରେ ଏକ କାର୍ ସହ ତାଙ୍କ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଯବାନଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ସହ ଆଇଆରବି କ୍ୟାମ୍ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେପଟେ ନାରାୟଣପାଟଣା ଥାନା ଅଧିକାରୀ ସୁଷମା କହଁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଯବାନଙ୍କ ମୃତଦେହ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ପୁଲିସ। ଏଥିସହ ପୁଲିସ ଆଇଆରବି କମାଣ୍ଡାଣ୍ଟଙ୍କ ସହ କଥା ହୋଇ ଯବାନଙ୍କ ମୃତଦେହ ପରିବାର ଲୋକଙ୍କ ନିକଟରେ ପହଞ୍ଚାଇବାର ବ୍ୟବସ୍ଥା କରିଥିବା ଜଣାପଡ଼ିଛି।

## ମୋଟର ସାଇକଲ ଦୁର୍ଘଟଣାରେ ୧ ମୃତ

**ଡାବୁଗାଁ,୮।୪(ସମିସ):** ରବିବାର ବିଳମ୍ବିତ ରାତ୍ରିରେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ଚାଟିଗୁଡା ଛକ ନିକଟରେ ମୋଟର ସାଇକଲ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଯେ ଧୋଡ୍ରା ମାଝିଗୁଡା ଗ୍ରାମର ପଦ୍ମନାଭ ଦାଶ (୨୪) ନିଜ ମୋଟର ସାଇକଲ (ସିଜି ୦୫ ଏଏଲ ୯୦୫୩ ) ଯୋଗେ ଚାଟିଗୁଡା ଗ୍ରାମକୁ ଆସୁଥିଲେ। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ମୋଟର ସାଇକଲ (ଓଡି ୧୦ ଇ ୫୩୭୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ ମୋଟର ସାଇକଲ ଆରୋହୀ ରାସ୍ତାକଡ଼କୁ ପଡ଼ିଯାଇ ଆହତ ହୋଇଥିଲେ। ବିପରୀତ ଦିଗରୁ ମୋଟର ସାଇକଲ (ଓଡି ୧୦ ଇ ୫୩୭୫) ଚାଳକ ଦୁର୍ଘଟଣା ଘଟିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଆହତ ପଦ୍ମନାଭ ଦାଶ ଘଟଣାସ୍ଥଳରେ ପଡ଼ି ରହିଥିଲେ। ପରେ ସେପଟେ ଯାଉଥିବା ଲୋକମାନେ ଦୁର୍ଘଟଣା ଘଟିଥିବା ଦେଖି ଉକ୍ତ ସ୍ଥାନରେ ରହି ଆମ୍ବୁଲାନ୍ସ ଯୋଗେ ଆହତ ପଦ୍ମନାଭଙ୍କୁ ଉମରକୋଟ ଡାକ୍ତରଖାନାକୁ ପଠାଇଥିଲେ। ଖବର ପାଇ ଡାବୁଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨ଟି ମୋଟର ସାଇକଲକୁ ଜବତ କରିଥିଲେ। ଆହତ ପଦ୍ମନାଭଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ପରିବାର ପକ୍ଷରୁ ସୋମବାର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସଆଇ ଗୋପାଳକୃଷ୍ଣ ହଲୱା ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ପାଡୁଆ ପୁଲିସ ଦ୍ୱାରା ୫ ୱାରେଣ୍ଟି ଗିରଫ



**ନନ୍ଦପୁର,୮।୪(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାଡୁଆ ଥାନାରେ ବିଭିନ୍ନ ମାମଲାରେ ଛନ୍ଦି ହୋଇ ଫେରାର୍ ଥିବା ୫ ଜଣ ୱାରେଣ୍ଟିଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ସେମାନେ ହେଲେ ତାଇୟାର ଗ୍ରାମର ରଘୁନାଥ ପାଙ୍ଗି, ଇନୀଙ୍ଗଗୁଡ଼ା ଗ୍ରାମର ଲାପଲାମା ପାଙ୍ଗି, ପ୍ରତିମା ପାଙ୍ଗି, ଈଶ୍ୱର ପାଙ୍ଗି, ସିନେମା ପାଙ୍ଗି। ସମସ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ପାଡୁଆ ଥାନା ଆଇଆଇସି ଅଶୋକ କୁମାର ବିଶୋଇ ସୂଚନା ଦେଇଛନ୍ତି।

# ବିଜେପି ପ୍ରାର୍ଥୀ ଚୟନକୁ ମିଳିତ ଆଦିବାସୀ ମଞ୍ଚର ବିରୋଧ

**ସେମିଳିଗୁଡ଼ା,୮।୪(ସମିସ):** କୋରାପୁଟ ଜିଲ୍ଲା ପଟାଙ୍ଗି ନିର୍ବାଚନ ମଣ୍ଡଳୀରେ ବିଜେପିରେ ପ୍ରାର୍ଥୀ ଭାବେ ଚୈତନ୍ୟ ହନ୍ତାଳଙ୍କ ନାମ ଘୋଷଣା ପରେ ରାଜନୀତି ସରଗରମ ହୋଇଛି। ବିଜେପି ପ୍ରାର୍ଥୀ ଚୟନକୁ ମିଳିତ ଆଦିବାସୀ ମଞ୍ଚ ବିରୋଧ କରୁଛି। ସେମିଳିଗୁଡ଼ା ବ୍ଲକର ଲୁଙ୍ଗୁରି ଗ୍ରାମର ଗଙ୍ଗାମାଗୁଡ଼ି ମନ୍ଦିର ନିକଟରେ ମିଳିତ ଆଦିବାସୀ ମଞ୍ଚର କନ୍ଧ, ପରଜା, ଗଦବା ସମ୍ପ୍ରଦାୟର ଲୋକ ଏକତ୍ରିତ ହୋଇ ବୈଠକ କରି ବିରୋଧ କରିଛନ୍ତି। ଚୈତନ୍ୟ ହନ୍ତାଳ ୨୦୧୭ରେ ପଞ୍ଚାୟତ ନିର୍ବାଚନରେ ଅନୁସୂଚିତ ଜାତି (ଏସସି) ପ୍ରମାଣପତ୍ରରେ ମରିଛମାଳ ଗ୍ରାମପଞ୍ଚାୟତରେ ସମିତିସଭ୍ୟ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ପୁଣି ୨୦୨୪ରେ ଆଦିବାସୀ ଜାତି ପ୍ରମାଣପତ୍ର ନେଇ କିଭଳି ଲଢ଼ିବେ ବୋଲି ପ୍ରଶ୍ନ କରିଥିଲେ। ପ୍ରାର୍ଥୀ ପରିବର୍ତ୍ତନ ନ ହେଲେ ଆଗାମୀ ଦିନରେ ଜିଲ୍ଲାପାଳ ଓ ତହସିଲ କାର୍ଯ୍ୟାଳୟରେ ଗଣଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଏହି ସମ୍ପର୍କରେ ପଟାଙ୍ଗି ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ଚୈତନ୍ୟ ହନ୍ତାଳଙ୍କୁ ଯୋଗାଯୋଗ କରିବାରୁ ପୂର୍ବପୁରୁଷ ପୈତୃକ ଅନୁସାରେ ଆମେ ଗଦବା ଜାତିରେ ଥିଲୁ ବୋଲି କହିଛନ୍ତି। ପ୍ରମାଣପତ୍ର ତ୍ରୁଟି ଯୋଗୁଁ ସଂଶୋଧନ ପରେ ୨୦୨୨ରୁ ଆଦିବାସୀ ଗଦବା ଜାତି ମାନ୍ୟତା ପାଇଛୁ। ଅଭିଯୋଗ ଭିତ୍ତିହୀନ କହି ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ କୋରାପୁଟ ଜିଲ୍ଲା ବିଜେପି ସଭାପତିଙ୍କୁ ପଚାରିବାରୁ ସେ କହିଛନ୍ତି ପ୍ରାର୍ଥୀ ଚୟନ କେନ୍ଦ୍ରୀୟ କମିଟି ନିର୍ଣ୍ଣୟ କରନ୍ତି ସେମାନେ ଆଣିଥିବା ଅଭିଯୋଗ ଭିତ୍ତିହୀନ ଏଥିରେ କୌଣସି ବ୍ୟତିକ୍ରମ ହୋଇ ନାହିଁ। ଜଣେ ପ୍ରାର୍ଥୀକୁ ଦସ୍ତାବିଜ ଯାଞ୍ଚ ପରେ ହିଁ ଦଳୀୟ ଟିକଟ ପ୍ରଦାନ କରାଯାଇଥାଏ ବୋଲି ସୂଚନା ଦେଇଛନ୍ତି। ଆଗାମୀ ଦିନରେ ପଟାଙ୍ଗି ନିର୍ବାଚନ ମଣ୍ଡଳୀରେ ବିଜେପିର ନିଷ୍ପତ୍ତି କି ମୋଡ଼ ନେବ ତାହା ଦେଖିବାକୁ ବାକି ରହିଲା।



■ ଜାତି ପ୍ରମାଣପତ୍ର ବିବାଦକୁ ନେଇ ମୁହଁ ଖୋଲିଲେ ଚୈତନ୍ୟ

## 'ଟିକଟରୁ ବଞ୍ଚିତ କିଛି ନିରାଶାବାଦୀ ଅପପ୍ରଚାର କରୁଛନ୍ତି'

**ସେମିଳିଗୁଡ଼ା, ୮।୪(ସମିସ)** କୋରାପୁଟ ଜିଲ୍ଲାର ପଟାଙ୍ଗି ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ଚୈତନ୍ୟ ହନ୍ତାଳଙ୍କ ଜାତି ପ୍ରମାଣପତ୍ରକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏନେଇ ସୋମବାର ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ମୁହଁଖୋଲିଛନ୍ତି ପ୍ରାର୍ଥୀ ଚୈତନ୍ୟ ହନ୍ତାଳ। ସେମିଳିଗୁଡାସ୍ଥିତ ପ୍ରେସ୍ କ୍ଲବ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ସେ ଲମତାପୁଟ ବ୍ଲକର ଟିକରପଡା ଗ୍ରାମ ପଞ୍ଚାୟତର ପଞ୍ଜୋଇଲ ଗ୍ରାମର ଗଦବା ସମ୍ପ୍ରଦାୟର ଆଦିବାସୀ ବୋଲି ଚୈତନ୍ୟ ସାମ୍ବାଦିକ ସମ୍ମିଳନୀରେ ସୂଚାଇଛନ୍ତି। ନିଜର ଜୀବନ ଜୀବିକା ପାଇଁ ୪୦ ବର୍ଷ ହେଲା ସେ ପୂର୍ବଜଙ୍କ ଭିଟାମାଟି ଛାଡିଛନ୍ତି । ତଥାପି ଭିଟାମାଟି ଲୋକଙ୍କ ସହ ଜଡିତ ହୋଇ ରହିଛନ୍ତି । ଏବେ ଟିକଟରୁ ବଞ୍ଚିତ ହୋଇ କିଛି ନିରାଶବାଦୀ ଲୋକ ମୋ ଜାତିକୁ ନେଇ ଅପପ୍ରଚାର ଚଳାଇଛନ୍ତି। ଯାହାକୁ ମୁଁ ନିନ୍ଦା କରିବା ସହ ଖଣ୍ଡନ କରୁଛି ବୋଲି ପ୍ରାର୍ଥୀ ଚୈତନ୍ୟ ହନ୍ତାଳ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଆବଶ୍ୟକ ପଡ଼ିଲେ ଅପପ୍ରଚାରକାରୀଙ୍କ ବିରୋଧରେ ମାନହାନୀ ମୋକଦ୍ଦମା କରିବି ବୋଲି ସେ କହିଛନ୍ତି। ଦଳ ତାହାଙ୍କ ଜାତିଗତ ପ୍ରମାଣପତ୍ର ଟିକିନିଖି ଦେଖି ଟିକଟ ଦେଇଛ। ସେଥିରେ କୌଣସି ଅସୁବିଧା ନାହିଁ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି। ପ୍ରକାଶ ଥାଉ କି, ବିଜେପି ପ୍ରାର୍ଥୀ ଚୟନକୁ ନେଇ ମିଳିତ ଆଦିବାସୀ ମଞ୍ଚ ବିରୋଧ କରିବା ସହ କିଛି ଲୋକ ଶ୍ରୀ ହନ୍ତାଳଙ୍କ ଜାତି ପ୍ରମାଣପତ୍ରକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହି ବିଷୟକୁ ନେଇ ପ୍ରାର୍ଥୀ ଚୌତନ୍ୟ ହନ୍ତାଳ ପ୍ରମାଣପତ୍ର ତ୍ରୁଟି ଯୋଗୁଁ ସଂଶୋଧନ ପରେ ୨୦୨୨ ମସିହାରୁ ଆଦିବାସୀ ଗଦବା ଜାତି ମାନ୍ୟତା ପାଇଛୁ। ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିବା ସହ ତାଙ୍କ ସହ ପରିବାର ଲୋକେ ଆଦିବାସୀ ଜାତି ପ୍ରମାଣପତ୍ର ପାଇଥିବା ଚୈତନ୍ୟ ଜଣାଇଛନ୍ତି।



# ସ୍ୱାଧୀନ ଲଢ଼ିବେ ଜୟରାମ ପାଙ୍ଗୀ !



**ସେମିଲିଗୁଡ଼ା, ୮।୪(ସମିସ):** କୋରାପୁଟ ଜିଲ୍ଲାର ଆଦିବାସୀ ନେତା, ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ ଚଳିତ ନିର୍ବାଚନରେ ସ୍ୱାଧୀନ ଭାବରେ ଲଢ଼ିବା ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। କିଛି ମାସ ପୂର୍ବରୁ କଂଗ୍ରେସରେ ଯୋଗ ଦେଇ ପଟ୍ଟାଙ୍ଗି କିମ୍ବା ଲକ୍ଷ୍ମୀପୁର ପାଇଁ ବିଧାନସଭା ନିର୍ବାଚନ ଲଢ଼ିବାକୁ ଆଶା ରଖିଥିଲେ। କଂଗ୍ରେସ ଟିକଟ ଦେଇ ନ ଥିବାରୁ ପ୍ରଥମଥର ପାଇଁ ଦଳୀୟ ଟିକଟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପରିକି ଚଳିତ ନିର୍ବାଚନ ମଇଦାନରେ ତାଙ୍କୁ ଆଉ ଦେଖିବାକୁ ମିଳି ନ ପାରେ ବୋଲି କୋରାପୁଟ ଜିଲ୍ଲାରେ ଚର୍ଚ୍ଚା ହେଉଛି। ଶ୍ରୀ ପାଙ୍ଗୀ ସ୍ୱାଧୀନ ଭାବେ ଲଢ଼ିବା ପାଇଁ ପ୍ରସ୍ତୁତ ହେଉଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି; ଯାହାକି ତାଙ୍କ ରାଜନୈତିକ କ୍ୟାରିୟର ମଧ୍ୟରେ ଏପରି ପ୍ରଥମ ଥର ଘଟିବାକୁ ଯାଉଛି। ବିଜେଡିରୁ ନିଲମ୍ବିତ ପରେ ବିଜେପିରେ ଯୋଗଦେଇଥିଲେ। ପରେ ବିଜେପି ଛାଡି ବିଆର୍‌ଏସରେ ଯୋଗଦେଇଥିଲେ। ବାରମ୍ବାର ଦଳ ବଦଳାଉଥିବା ନେତାଙ୍କ ପ୍ରତି ଆସ୍ଥା ପ୍ରକଟ କରି ନ ପାରି କଂଗ୍ରେସ ଏହି ଦୁଇଟି ସ୍ଥାନରେ ପ୍ରାର୍ଥୀ ଘୋଷଣା କରି ସାରିଥିବା ଚର୍ଚ୍ଚା ହୋଇଛି। ଆସନ୍ତା ୧୬ ତାରିଖରେ କୁନ୍ଦୁଲି ହାଟପଦାଠାରେ ନିଜର ସମର୍ଥକମାନଙ୍କ ସହ ବୈଠକ କରି ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ନିଜ ସମର୍ଥକମାନଙ୍କ ସହ ଯୋଗାଯୋଗରେ ରହିଛନ୍ତି ଜୟରାମ ପାଙ୍ଗୀ। ଆସନ୍ତା ୧୬ ତାରିଖରେ ସମର୍ଥକମାନଙ୍କ ଗହଣରେ ନିର୍ଣ୍ଣୟ କରିବେ ଭବିଷ୍ୟତ ପନ୍ଥା। ନିର୍ବାଚନ ମଇଦାନକୁ ଓହ୍ଲାଇବେ ନା ନାହିଁ ଉକ୍ତ ବୈଠକ ପରେ ସ୍ପଷ୍ଟ ହେବ ବୋଲି ଆଶା ପ୍ରକାଶ ପାଇଛି। ସମର୍ଥକମାନେ ସ୍ୱାଧୀନ ଭାବେ ଲଢ଼ିବା ପାଇଁ କହୁଥିବା ବେଳେ ଜୟରାମ ପାଙ୍ଗୀ ନିଜ ନିଷ୍ପତ୍ତି ନେଇ ନଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ନିର୍ବାଚନ ମଇଦାନରେ ରହିବେ କି ନାହିଁ ସେନେଇ ସେ ବିଚାର କରିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଜୟରାମ ପାଙ୍ଗୀଙ୍କ ପୁତୁରା ପ୍ରଫୁଲ୍ଲ ପାଙ୍ଗୀ କିନ୍ତୁ ବିଜେଡି ଟିକଟ ପାଇବାରେ ସଫଳତା ହାସଲ କରିଛନ୍ତି। ଜୟରାମ ପାଙ୍ଗୀ ସ୍ୱାଧୀନ ଭାବରେ ଲଢ଼ିଲେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ଦାଦା ଓ ପୁତୁରା ମଧ୍ୟରେ ଲଢ଼େଇ ହେବ। ତେବେ ଜୟରାମ ପାଙ୍ଗୀଙ୍କ ନିଷ୍ପତ୍ତି କ'ଣ ରହିବ ତାହାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# ନବରଙ୍ଗପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ମିଶ୍ରଣ ପର୍ବ

## ପଦ୍ମ ଛାଡ଼ି ଶଙ୍ଖ ଧରିଲେ ମେଣ୍ଡ୍ରି ନାଏବ ସରପଞ୍ଚ

**ନବରଙ୍ଗପୁର,୮।୪(ସମିସ):**




ସୋମବାର ନବରଙ୍ଗପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ସୋମବାର ବହୁ ବିଜେପି କର୍ମୀ ଓ ନେତା ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ମେଣ୍ଡ୍ରି ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ରଶ୍ମିତା ସାହୁ ପଦ୍ମ ଛାଡ଼ି ଶଙ୍ଖ ଧରିଛନ୍ତି। ସେ ବିଜେପି ଛାଡ଼ି ବିଜେଡିରେ ମେଣ୍ଡ୍ରି ଓ ବରାଗାଁର ବହୁ ବିଜେପି କର୍ମୀଙ୍କ ସହିତ ବିଜେଡିରେ ଯୋଗଦେଇଥିଲେ। ଯୁବ ନେତା ରମେଶ ସାହୁ, ଭରତ ସାହୁ, ପିତାମ୍ବର ସାହୁ, ବିଘ୍ନେଶ୍ୱର ବିଶୋଇ ଓ ବରାଗାଁର ସେବତୀ ସୌରା, ଭାରତୀ ସୌରା, ରମ୍ଭା ସୌରା, କମଳା ମାଝୀଙ୍କ ସମେତ ୩୦ ଜଣ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ବିଜେପି ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ସହିତ ନବରଙ୍ଗପୁର ବିଜେଡି ବିଧାୟିକା ପ୍ରାର୍ଥିନୀ କୌଶଲ୍ୟା ପ୍ରଧାନୀଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ଯୋଗଦେଇଥିଲେ। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ନନ୍ଦାହାଣ୍ଡି ବ୍ଲକ୍ ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ନବରଙ୍ଗପୁର ପୌର ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର, କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ଅବିଭକ୍ତ କୋରାପୁଟ ଜିଲ୍ଲା ଯୁବ ଜନତା ଦଳର ସଭାପତି ତାପସ ତ୍ରିପାଠୀ, ଜିଲ୍ଲା ବିଜେଡି ଉପସଭାପତି ରବି ପଟ୍ଟନାୟକ, ବିଜୁ ଜନତା ଦଳର ନଗର ସଭାପତି ପ୍ରମୋଦ ରଥ, ଜିଲ୍ଲା ବିଜେଡି ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଜିଲ୍ଲା ବିଜେଡି ସମ୍ପାଦକ ଭୀମ ହରିଜନ, ନଗର ଯୁବ ସଭାପତି ସୂର୍ଯ୍ୟକାନ୍ତ ଲେଙ୍କା, ସୁନିଲ ସାହୁ, ନନ୍ଦାହାଣ୍ଡି ବ୍ଲକ୍ ସଭାପତି ଦୟା ବିଷୋୟୀ, ଅଲେଖ ସୌରା, କେଶବ ରାଜୁ, କୁନା ପଣ୍ଡା, ରାଜା ରେଡ୍ଡୀ, କୁନା ପାଢ଼ୀ, ନନ୍ଦ ନାୟକ, ଆଶିଷ ଖଣ୍ଡପାନ, ସଞ୍ଜୟ ନାୟକ, ଏମ୍. ବାଲାଜୀ ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ବିଜେଡିର ରଣନୀତି ପ୍ରସ୍ତୁତି

# ସାମିଲହେଲେ ଶତାଧିକ ମହିଳା ଓ ପୁରୁଷ



**କୋରୁକୋଣ୍ଡା,୮।୪(ସମିସ):** ଚଳିତ ସାଧାରଣ ନିର୍ବାଚନ ପାଇଁ ମାଲକାନଗିରି ଜିଲ୍ଲା ବିଜେଡି ପକ୍ଷରୁ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକରେ ଜିଲ୍ଲାର ଦୁଇଟି ନିର୍ବାଚନମଣ୍ଡଳୀ ରହିଥିବା ବେଳେ ମାଲକାନଗିରି ଅଧୀନରେ ବ୍ଲକର ଦୁଇଗୋଟି ଗ୍ରାମପଞ୍ଚାୟତ ରହୁଛି। ବ୍ଲକ ଅଧୀନରେ ଥିବା ୧୦ଟି ଗ୍ରାମପଞ୍ଚାୟତ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅଧୀନରେ ରହୁଛି। ଗତ ସାଧାରଣ ନିର୍ବାଚନ ମାଲକାନଗିରି ନିର୍ବାଚନମଣ୍ଡଳୀରେ ବିଜେପି ହାତେଇ ନେଇଥିବା ବେଳେ, ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ବିଜେଡି ହାତେଇଥିଲା। ଏଥର ସାଧାରଣ ନିର୍ବାଚନରେ ଉଭୟ ନିର୍ବାଚନମଣ୍ଡଳୀ କିପରି ବିଜେଡି ହାତେଇବ ସେଥିପାଇଁ ବିଜେଡି ତରଫରୁ ଘନ ଘନ ବୈଠକ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି। ଏହିକ୍ରମରେ କୋରୁକୋଣ୍ଡା ବିଜେଡି ବ୍ଲକ ସଂଯୋଜକ ନୃସିଂହ ଚରଣ ମହାନ୍ତିଙ୍କ

### ସାଧାରଣ ନିର୍ବାଚନ-୨୦୨୪

ନେତୃତ୍ୱରେ ସୋମବାର ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ କୋରୁକୋଣ୍ଡା ବ୍ଲକ ଅଧୀନ ପୋଟ୍ରେଲ ଗ୍ରାମପଞ୍ଚାୟତ ପୁରୁଣା ଓର୍କେଲ ଶିବ ମନ୍ଦିରଠାରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ରାଧା ବିନୋଦ ସାମନ୍ତରାୟ, ବିଜେଡି ମହିଳା ପରଜୀ ବେଖିକା ଲୋରା ମହାପାତ୍ର, ଜିଲ୍ଲା ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ବାଲିମେଳା ନଗର ସଭାପତି ମଙ୍ଗଳା ପାଙ୍ଗି, ଜିଲ୍ଲା ସମ୍ପାଦକ ପ୍ରତିନିଧି ମଦନ ଖୋସଲା, କୋରୁକୋଣ୍ଡା ଜିଲ୍ଲା ପରିଷଦ ଜୋନ ୧ ସଭ୍ୟା ବିଜୟଲକ୍ଷ୍ମୀ ପଡିଆମୀ, ବାଲିମେଳା ନଗରପାଳିକା ରଶ୍ମିତା ବାଙ୍କ, କୋରୁକୋଣ୍ଡା ବ୍ଲକ ଯୁବ ସଭାପତି ମନ୍ତୋଷ ବିଶ୍ୱାସ, ସୋମନାଥ ବାରସେଙ୍କ ସମେତ ବିଭିନ୍ନ ଗ୍ରାମପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଏହି ବୈଠକରେ ଓଡିଶାର ଜନପ୍ରିୟ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିବ, ଗାଁ ଗାଁରେ ଲୋକଙ୍କ ପାଖରେ ପହଞ୍ଚି ସେନେଇ ଲୋକଙ୍କ ସହ ଆଲୋଚନା କରିବା ପାଇଁ କର୍ମୀଙ୍କୁ ବରିଷ୍ଠ ଅତିଥିମାନେ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ସଶକ୍ତ କରିବା ପାଇଁ ମିଶନ ଶକ୍ତି ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ମହିଳାମାନେ କିପରି ଆତ୍ମନିର୍ଭରଶୀଳ ହୋଇ ପାରିବେ ସେଥିପାଇଁ କର୍ମୀମାନେ ପ୍ରଚାର ପ୍ରସାର କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ପ୍ରତ୍ୟେକ ୱାର୍ଡରେ କର୍ମୀମାନେ ଦଳକୁ ସଂଗଠିତ କରିବା ପାଇଁ ଏହି ବୈଠକରେ ଗୁରୁମନ୍ତ୍ର ଦିଆଯାଇଛି। ଏହି ବୈଠକରେ ଶତାଧିକ ମହିଳା ପୁରୁଷ ସାମିଲ ହୋଇ ବିଜେଡି ରଣନୀତିକୁ ସମର୍ଥନ ଦେଇଥିଲେ।

# ଗୁଣୁପୁର ରାଜନୀତି: ଭାସ୍କରଙ୍କୁ ଭେଟିଲେ ରଘୁନାଥ



**ଗୁଣୁପୁର,୮।୪(ସମିସ):** ଗୁଣୁପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଟିକଟ ବଣ୍ଟନ ପରେ ବିଭିନ୍ନ ଦଳ ପକ୍ଷରୁ ନେତା ଓ କର୍ମୀଙ୍କୁ ମନାଇବା ଓ ଟଣାଓଟରା କରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ଅଚାନକ ବିଜେଡି ଜିଲ୍ଲା ସଭାପତି ପରିବର୍ତ୍ତନ ପରେ ବିଜେଡି କର୍ମୀ ଓ ନେତାଙ୍କ ମଧ୍ୟରେ ନୂଆ ଉତ୍ସାହ ସଞ୍ଚାର ହୋଇଥିବା ପରିଲକ୍ଷିତ ହେଉଛି। ବିଧାୟକ ରଘୁନାଥ ଗମାଙ୍ଗ ଅସୁବିଧାରେ ପଡିଯାଇଥିବା ଚର୍ଚ୍ଚା ଜୋର୍ ଧରିଛି। ଭାସ୍କର ରାଓ ଜିଲ୍ଲା ବିଜେଡି ସଭାପତି ହେବା ପରେ ଆଜି ରଘୁନାଥ ଗମାଙ୍ଗ ଭାସ୍କର ରାଓଙ୍କ ରାୟଗଡ଼ା ବାସଭବନକୁ ଯାଇ ଭାସ୍କରଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି। ଏହି ସମୟରେ ବିଜେଡି ନେତା ରାମ ପଣ୍ଡା ଏବଂ ଏସ୍ ବାବା ପ୍ରସାଦ ଉପସ୍ଥିତ ଥିଲେ। ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ବେଶ୍ ଜୋର୍ ଧରିଛି। ଅପରପକ୍ଷରେ, ଗୁଣୁପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବ ଗୌଡଙ୍କୁ ନେଇ କଂଗ୍ରେସ, ବିଜେପି ଓ ବିଜେଡି ପକ୍ଷରୁ ଟଣାଓଟରା ଚାଲିଛି ବୋଲି ଆଲୋଚନା ହେଉଛି। ଭାସ୍କର ରାଓ ଓ ସୁଧୀର ଦାଶଙ୍କ ମଧ୍ୟରେ ଲାଗି ରହିଥିବା କଳି ମଧ୍ୟ କର୍ମୀ ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିବା ଆଲୋଚନା ହେଉଛି। ଏହାମଧ୍ୟରେ ସୋମବାର ରଘୁନାଥ ଗମାଙ୍ଗ ଏବଂ ଭାସ୍କର ରାଓଙ୍କ ସାକ୍ଷାତକୁ ନେଇ ରାଜନୈତିକ ଆଲୋଚନା ସରଗରମ ହୋଇଛି।

# ଉମରକୋଟ ପୁଲିସ ପକ୍ଷରୁ ସୀମାରେ କଡ଼ାକଡ଼ି ଯାଞ୍ଚ୍

**ଉମରକୋଟ,୮।୪(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ପୁଲିସ ପକ୍ଷରୁ ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଗାଡ଼ି କଡ଼ାକଡ଼ି ଯାଞ୍ଚ କରାଯାଇଛି। ସୋମବାର ନବରଙ୍ଗପୁର ଜିଲ୍ଲା ଉମରକୋଟ ଏସଡିପିଓଙ୍କ ନିର୍ଦ୍ଦେଶ କ୍ରମେ ଓ ଥାନା ଅଧିକାରୀ ଡମ୍ବରୁଧର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ସୌମେନ୍ଦ୍ର ସେଠ୍ ଏବଂ ପୁଲିସ ଫୋର୍ସ ଏକତ୍ରିତ ହୋଇ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳ ଦଣ୍ଡେସରାଠାରେ ଗାଡ଼ି ଯାଞ୍ଚ କଡ଼ାକଡ଼ି କରିଥିବା ଦେଖିବାକୁ ମିଳିଥିଲା। ଛତିଶଗଡ଼ ପଟୁ ଓଡ଼ିଶା ଏବଂ ଓଡ଼ିଶାରୁ ଛତିଶଗଡ଼ ଯାଉଥିବା ସମସ୍ତ ଯାନବାହନକୁ ଟିକିନିଖି ଭାବେ ଯାଞ୍ଚ କରିଥିଲେ। ସନ୍ଦେହରେ ଥିବା ଗାଡ଼ିକୁ ଅଟକ ରଖି ପଚରାଉଚରା କରୁଥିବା ଦେଖିବାକୁ ମିଳିଥିଲା।



# କଂଗ୍ରେସର ପ୍ରଚାର ଆରମ୍ଭରୁ ଫାଟ

- ପବିତ୍ର ପାଇଁ ଭୋଟ୍ ଭିକ୍ଷାକଲେ ବାହିନୀପତି
- ଆଶାୟୀ ଗୀତାଞ୍ଜଳି ପିଡ଼ିକାଙ୍କ ସମର୍ଥକ ଯୋଗଦେଲେ ନାହିଁ



**ନାରାୟଣପାଟଣା,୮।୪(ସମିସ)**

ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ତରଫରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ପବିତ୍ର ସାଉଁନ୍ତାଙ୍କ ଟିକଟ ଘୋଷଣା ପରେ ନାରାୟଣପାଟଣାରେ ନିଜ ସମର୍ଥକଙ୍କ ସହ ଏକ ରୋଡ୍ ଶୋ' ପ୍ରଚାର ଆରମ୍ଭ ହୋଇଥିଲା। ଫରେଷ୍ଟ ଅଫିସରୁ ଏକ ଶୋଭାଯାତ୍ରାରେ ବାହାରି ଜଗନ୍ନାଥ ମନ୍ଦିର, ମୁଖ୍ୟରାସ୍ତା ଦେଇ ଚୈତ୍ରାଇ ମନ୍ଦିର ପର୍ଯ୍ୟନ୍ତ ପ୍ରଚାର କରିଥିଲେ। ପବିତ୍ର ସାଉଁନ୍ତାଙ୍କ ସହ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ପବିତ୍ରକୁ ହାତ ଚିହ୍ନରେ ଭୋଟ ଦେଇ ଜୟ ଯୁକ୍ତ କରାଇବାକୁ କହିଥିଲେ। ଏହି ପ୍ରଚାରରେ ହଜାରରୁ ଅଧିକ କର୍ମୀ ଯୋଗଦେଇଥିବା ବେଳେ ବନ୍ଧୁଗାଁ ବ୍ଲକର କଂଗ୍ରେସରୁ ଟିକଟ ପାଇଁ ଆଶାୟୀ ପ୍ରାର୍ଥୀ ଗୀତାଞ୍ଜଳି ପିଡ଼ିକାକୁ ଟିକଟ ମିଳି ନଥିବା ବେଳେ ତାଙ୍କର କୌଣସି ସମର୍ଥକ ଆଜିର ରୋଡ ଶୋ'ରେ ଯୋଗ ଦେଇ ନଥିବା ଦେଖିବାକୁ ମିଳିଥିଲା। ସେପଟେ ବିଧାୟକ ପ୍ରାର୍ଥୀ ପବିତ୍ର କହିଛନ୍ତି ଯେ ସମସ୍ତେ ତାଙ୍କ ସହିତ ଅଛନ୍ତି। ଏହି ରୋଡ ଶୋରେ ସମସ୍ତ ବ୍ଲକ୍ ସଭାପତିଙ୍କ ସହ ଆଗଧାଡ଼ିର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଭୋଟର ସଚେତନତା ରଥର ଶୁଭାରମ୍ଭ



**କୋରାପୁଟ,୮।୪(ସମିସ):** ଚଳିତ ଲୋକସଭା ଓ ବିଧାନସଭା ନିର୍ବାଚନରେ ମୁକ୍ତ ଓ ଅବାଧ ମତଦାନ କରିବାକୁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଦ୍ୱାରା ସୋମବାର ଭୋଟର ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ସଚେତନ ରଥର ପଛ ପାଖେ ଥିବା ଡିଜିଟାଲ ଦସ୍ତଖତ ଅଭିଯାନର ମଧ୍ୟ ଜିଲ୍ଲାପାଳ ଦସ୍ତଖତ କରି ଶୁଭାରମ୍ଭ କରିଥିଲେ। ଏହାପରେ ଅନ୍ୟାନ୍ୟ ଅଧିକାରୀମାନେ ଦସ୍ତଖତ କରିଥିଲେ। ମେ' ମାସ ୧୩ ତାରିଖ ଦିନ କୋରାପୁଟ ଜିଲ୍ଲାରେ ନିର୍ବାଚନ ଅନୁଷ୍ଠିତ ହେବ। ଜିଲ୍ଲାର ସମସ୍ତ ଭୋଟର ନିଜର ମୂଲ୍ୟବାନ ଭୋଟ ପ୍ରଦାନ କରିବା ନିମନ୍ତେ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ୍ ଓ ପଞ୍ଚାୟତ ଭ୍ରମଣ କରିବ ବୋଲି ଜିଲ୍ଲାପାଳ କହିଛନ୍ତି। ଭୋଟରଙ୍କ ସଚେତନତା ନିମନ୍ତେ ମିନି ମାରାଥନ ଓ ଦେଓମାଳି ପର୍ବତାରୋହଣ କରାଯିବ। ଆସନ୍ତୁ ସମସ୍ତେ ଭୋଟ ଦେବା ଓ ଗଣତନ୍ତ୍ରକୁ ସୁଦୃଢ଼ କରିବା' ବୋଲି ଜିଲ୍ଲାର ସମସ୍ତ ଭୋଟରମାନଙ୍କୁ ଜିଲ୍ଲାପାଳ ନିବେଦନ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ, କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, ଡେପୁଟି କଲେକ୍ଟର ନିର୍ବାଚନ ଦେବେନ୍ଦ୍ର ରାଉତ, ଡେପୁଟି କଲେକ୍ଟର ସୌରାଞ୍ଜିତ ମାଝୀ, କୋରାପୁଟ ବିଡିଓ ଦେବାଶିଷ ଗୌଡ଼, କୋରାପୁଟ ତହସିଲଦାର ସବୀର ସାହା, ନିର୍ବାଚନ କାର୍ଯ୍ୟାଳୟର ସେକ୍ସନ ଅଫିସର ଅନୁପମ ମହାରଣା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସତ୍ୟନାରାୟଣ ପ୍ରଧାନଙ୍କ ସହ ଅନ୍ୟାନ୍ୟ ଡେପୁଟି କଲେକ୍ଟରମାନେ ଉପସ୍ଥିତ ଥିଲେ। ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧିକାରୀ ହିମାଂଶୁ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚିଠି ଲେଖି ଭୋଟ୍ ଦେବାକୁ ସଚେତନ କଲେ ଛାତ୍ରଛାତ୍ରୀ

**ମାଲକାନଗିରି,୮।୪(ସମିସ)**

ନିର୍ବାଚନ ଋତୁ ପାଖେଇ ଆସିଲେ ଭୋଟ୍ ଦେବା ନିମନ୍ତେ ସମସ୍ତେ ସଚେତନତାମୂଳକ ପଦକ୍ଷେପ ନିଅନ୍ତି। ସରକାରୀସ୍ତରରେ ମଧ୍ୟ ବିଭିନ୍ନ ସମୟରେ ଲୋକଙ୍କୁ ଭୋଟଦାନ ବିଷୟରେ ସଚେତନ କରାଯାଉଥିବା ବେଳେ ଭୋଟଦାନର ମହତ୍ୱ ବିଷୟରେ ମଧ୍ୟ ଲୋକଙ୍କୁ ବୁଝାଇବା ପାଇଁ ଅନେକ ସ୍ୱେଚ୍ଛାସେବୀ ସଂଗଠନମାନ ପ୍ରୟାସ କରନ୍ତି। ତେବେ ଏସବୁ ମଧ୍ୟରେ ବର୍ତ୍ତମାନ ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇ ମତଦାନ ନିମନ୍ତେ ନିଆରା ଢଙ୍ଗରେ ସଚେତନତାର ବାର୍ତ୍ତା ଦେଲେ ଛାତ୍ରଛାତ୍ରୀ। ଆଜିକା ସମୟରେ ଯେଉଁଠି ଲୋକେ ଚିଠିଠାରୁ ମୁହଁ ଫେରାଇ ନେଲେଣି ସେହି ସମୟରେ ଛାତ୍ରଛାତ୍ରୀମାନେ ନିଜ ପରିବର ଓ ବନ୍ଧୁବାନ୍ଧବଙ୍କୁ ଚିଠି ଲେଖି ଭୋଟଦାନ ନିମନ୍ତେ ସଚେତନତାର ବାର୍ତ୍ତା ଦେଇଛନ୍ତି। କିଛି ଏପରି ଚିତ୍ର ଆସିଛି ଆଦିବାସୀ ବହୁଳ ମାଲକାନଗିରି ଜିଲ୍ଲାରୁ।

ଜିଲ୍ଲା ସଦରରେ ଥିବା ସ୍ଥାନୀୟ ଜବାହର ନବୋଦୟ ବିଦ୍ୟାଳୟ-୧ର ଛାତ୍ରଛାତ୍ରୀମାନେ ମତଦାନ କରିବା ନିମନ୍ତେ ଏକ ଅଭିନବ ପ୍ରୟାସ କରିଛନ୍ତି। ବିଦ୍ୟାଳୟର ୩୦୦ ଛାତ୍ରଛାତ୍ରୀ ଚିଠି ମାଧ୍ୟମରେ ତାଙ୍କ ବାପା-ମାଆ ଓ ସମ୍ପର୍କୀୟଙ୍କୁ ଭୋଟ୍ ଦେବା ନିମନ୍ତେ ଏକ ସଚେତନତା ବାର୍ତ୍ତା ପ୍ରେରଣ କରିଛନ୍ତି। ଆଗାମୀ ନିର୍ବାଚନରେ ପ୍ରତ୍ୟେକ ବ୍ୟକ୍ତି ସ୍ୱଇଚ୍ଛାରେ କିପରି ମତଦାନ କରିବେ, ଏହାର ମହତ୍ ଉଦ୍ଦେଶ୍ୟ ଓ ମୂଲ୍ୟ ବିଷୟରେ ଜାଣିପାରିବେ, ସେ ବିଷୟରେ ପତ୍ର ମାଧ୍ୟମରେ ୩୦୦ରୁ ଉର୍ଦ୍ଧ୍ୱ ପୋଷ୍ଟକାର୍ଡରେ ବାର୍ତ୍ତା ଲେଖି ପ୍ରଶଂସାର ପାତ୍ର ହୋଇଛନ୍ତି ଏହି କୁନି କୁନି ଛାତ୍ରଛାତ୍ରୀ। ସୋମବାର ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟର ସଭାଗୃହ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କ ଉପସ୍ଥିତିରେ ଆୟୋଜିତ




ଉଦଘାଟନୀ ଉତ୍ସବରେ ଏହି ତିନିଶହରୁ ଉର୍ଦ୍ଧ୍ୱ ପୋଷ୍ଟକାର୍ଡ ଉନ୍ମୋଚିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ସି. ଶିବରାମ, ଜିଲ୍ଲା ଯୁବ ରେଡକ୍ରସର ଆବାହକ ତଥା ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ, କଳା ଶିକ୍ଷୟିତ୍ରୀ ମିନାକ୍ଷୀ ପଣ୍ଡା, ବିଦ୍ୟାଳୟ କାର୍ଯ୍ୟାଳୟ ନିରୀକ୍ଷକ ବି.ଏସ.କେ ସାଇ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଓ ବିଦ୍ୟାଳୟର ଅଧ୍ୟକ୍ଷ ସି.ଶିବରାମ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହ ବାଣୀ ପ୍ରଦାନ ସହ ସେମାନଙ୍କର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଓଡ଼ିଆ ଶିକ୍ଷୟିତ୍ରୀ ଅର୍ଚ୍ଚନା ମାରାଣ୍ଡି ପିଲାମାନଙ୍କର ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ। ତେବେ ଏହା ଦ୍ୱାରା କୁନି କୁନି ପିଲାଏ ନିଜ ପରିବାର ଲୋକଙ୍କୁ ସଚେତନ କରାଇବା ସହ ନିଜେ ମଧ୍ୟ ଅନେକ ଦିଗରେ ସଚେତନ ହେବା ସହ ଭୋଟଦାନ ବିଷୟରେ ବିଶେଷ ଜ୍ଞାନ ଆହରଣ କରିଥିବା ପ୍ରକାଶ କରିଛନ୍ତି।

# ୧୫ରେ ପାଞ୍ଚ ରାଜ୍ୟରେ ବନ୍ଦ ଡକରା

## ମାଓ ପ୍ରେସ ବିଜ୍ଞପ୍ତି ଜାରୀ

ମାଲକାନଗିରି,୮।୪(ସମିସ)

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ)ର ପ୍ରବକ୍ତା ପ୍ରତାପ ଏକ ପ୍ରେସ ବିଜ୍ଞପ୍ତି ଜାରୀ କରିଛନ୍ତି। ଉଲ୍ଲେଖ ରହିଛି ଯେ ବର୍ତ୍ତମାନ ଜନସାଧାରଣ ସାମନା କରୁଥିବା ପରିସ୍ଥିତିକୁ ତୀବ୍ର ବିରୋଧ କରାଯିବ। ତାଙ୍କ ଉପରେ ଚାଲିଥିବା ଆକ୍ରମଣକୁ ଖଣ୍ଡନ କରି ନରସଂହାରକୁ ତୁରନ୍ତ ରୋକିବା ଉଦ୍ଦେଶ୍ୟରେ ଆସନ୍ତା ୧୩ରୁ ୧୫ ତାରିଖ ମଧ୍ୟରେ ପ୍ରଚାର ଏବଂ ଆନ୍ଦୋଳନକୁ ତୀବ୍ର କରାଯିବ। ଏହାସହ ଆସନ୍ତା ୧୫ ତାରିଖ ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଓଡ଼ିଶା ଓ ମହାରାଷ୍ଟ୍ରରେ ବନ୍ଦ ପାଳନ କରିବା ପାଇଁ ଉକ୍ତ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଆହ୍ୱାନ ଦେଇଛନ୍ତି ମାଓ ନେତା ପ୍ରତାପ।

■ ସୀମାନ୍ତ ହାଟଗୁଡ଼ା ଜଙ୍ଗଲରେ ପୁଲିସର ମିଳିତ ଗ୍ରୀନ୍ କ୍ଲିନ୍

# ୨୫ ଏକର ଜମିରୁ ୨୫ ହଜାର ଗଞ୍ଜେଇ ଗଛ ନଷ୍ଟ



ନନ୍ଦପୁର,୮।୪(ସମିସ)

ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପାଡୁଆ ଥାନା ଅନ୍ତର୍ଗତ ପାଣ୍ଟଲୁଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ହାଟଗୁଡ଼ା ଜଙ୍ଗଲରେ ଅପରେସନ ଗ୍ରୀନ୍ କ୍ଲିନରେ ମିଳିତ ପୁଲିସ, ରାଜସ୍ୱ ଓ ବନ ବିଭାଗ ପକ୍ଷରୁ ବେଆଇନ୍ ଗଞ୍ଜେଇ ଚାଷକୁ ନଷ୍ଟ କରିଛି। କୋରାପୁଟ ଏସପିଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ଏସଡିପିଓ ସମ୍ବିତ କୁମାର ମାଝୀଙ୍କ ନେତୃତ୍ୱରେ ପାଡୁଆ ଆଇଆଇସି ଅଶୋକ କୁମାର ବିଶୋୟୀ, ଏସ୍ଆଇ ହିମାଂଶୁ ଶେଖର ବେନିଆଙ୍କ ସହ ପୁଲିସ ଟିମ୍ ନେଇ ଉଭୟ ସରକାରୀ ଓ ବେସରକାରୀ ଜମି ଉପରେ ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରିଛି ପୁଲିସ। ସୂଚିତ ଯେ, ନିର୍ବାଚନ ତାରିଖ ଘୋଷଣା ହେବାଠାରୁ ନନ୍ଦପୁର ଉପଖଣ୍ଡ ପୁଲିସ ସ୍ୱତନ୍ତ୍ର କରି ଗଞ୍ଜେଇ ଚାଲାଣ ଓ ଚାଷ ଉପରେ ଅପରେସନକୁ ରୂପ ଦେଇଛି। ସେପଟେ ଚାଲାଣ ଉପରେ ସବୁ ଅଭିନବ ଉପାୟକୁ ପର୍ଦ୍ଦାଫାସ୍ କରି ଚାଲିଥିବାବେଳେ ଅନ୍ୟପଟେ ଚାଷ ଉପରେ ପୁଲିସ ନଜରରେ ନାକେଦମ୍ ହୋଇଛନ୍ତି ଗଞ୍ଜେଇ ମାଫିଆ ଓ ବ୍ୟବସାୟୀ।

# ପଦ୍ମପୁର ଆର୍ଯ୍ୟନ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



ପଦ୍ମପୁର, ୮।୪(ସମିସ)

ରାୟଗଡ଼ା ଜିଲ୍ଲା ପଦ୍ମପୁର ଆର୍ଯ୍ୟନ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ୨୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମକେସିଜି ମେଡିକାଲ କଲେଜର ଶରୀର ବିଜ୍ଞାନ ବିଭାଗର ପ୍ରଫେସର ଯାମି ସାଗଜ ପୃଷ୍ଟି, ଖଲିକୋଟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁରର ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ବିଦ୍ୟୁତ୍ ପ୍ରଭା ସାହୁ, ଗୁଣପୁର ଉପଜିଲ୍ଲାପାଳ କିରଣଦୀପ କୋର ସାହତା, ସ୍ଥାନୀୟ ତହସିଲଦାର ଦିପ୍ତିମୟୀ ପାତ୍ର ଏବଂ ବିଇଓ ସୁଭାଷଚନ୍ଦ୍ର ଶବର ଯୋଗ ଦେଇଥିଲେ। ମୋଦେର୍ ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହୋଇଥିବା ଆର୍ଯ୍ୟନ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ଯଶଶ୍ୱି ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀ ଶୁଭେଚ୍ଛା କର, ମନିଷା ପାତ୍ର, ପୀୟୂଷ ପରିଡ଼ାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସନ୍ଧ୍ୟାରେ ଆରମ୍ଭ ହେଇଥିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ମୁଖ୍ୟ ଆକର୍ଷଣୀ ଥିଲା ଗଣତନ୍ତ୍ର କୋଠରୀ। ବିଦ୍ୟାଳୟର ପ୍ରତିଷ୍ଠାତା ହରିଶରଣ ଦାସ, ସମ୍ପାଦିକା ସ୍ୱର୍ଣ୍ଣମଞ୍ଜରୀ ଦାସ, ଏ ଓ ମନୋଜ ପାତ୍ର, ଅଧ୍ୟକ୍ଷ ଯଶସ୍ୱୀ ଦାସ ଯୋଗ ଦେଇଥିଲେ। ଶିକ୍ଷକ-ଶିକ୍ଷୟିତ୍ରୀ ସନ୍ତୋଷ ସାହୁ, ସନ୍ତୋଷ କୁମାର ସାହୁ, ସୁଶୀଲ ସାହୁ, ସତ୍ୟମିତ୍ର ପାଣି, ଜଗନ୍ନାଥ ମାଣ୍ଡାଙ୍ଗୀ, ସମ୍ପଦ ଖାଂସମା, ମନିଷା ପାଣିଗ୍ରାହୀ, ପ୍ରିୟଙ୍କା ସାହୁ, ମଧୁସ୍ମିତା ପାଢ଼ୀ, ଜି. ରାମ୍ୟା, ସୁଚିସ୍ମିତା ପ୍ରିୟଦର୍ଶିନୀ, ସ୍ମିତସ୍ୱିନି ମିଶ୍ର ସହଯୋଗ କରିଥିଲେ। ବିଦ୍ୟାଳୟର ଇନ୍‌ଚାର୍ଜ୍ ପ୍ରତିଭା ଶବର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ସମସ୍ତ ଅତିଥିବୃନ୍ଦ, ଅଭିଭାବକ ଏବଂ ସମସ୍ତ ଦର୍ଶକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରୁନି ବଂଶଧାରା ସେତୁ-ଗୁଡ଼ାରୀ ମୁଖ୍ୟରାସ୍ତା ନିର୍ମାଣ

ଗୁଡାରୀ, ୮।୪ (ସମିସ)

ନାଇରା ଛକଠାରୁ ଗୁଡାରୀ ମିନାଝୋଲା ଛକ ପର୍ଯ୍ୟନ୍ତ ଗତବର୍ଷ ପ୍ରାୟ ୯ କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ବେଳେ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇପାରୁନି। ଏନେଇ ଆରଡି ଏସଡିଓ-ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ପଣ୍ଡାଙ୍କୁ ପଚାରି ବୁଝିବାରୁ ସେ କହିଛନ୍ତି ଯେ ଏହି ରାସ୍ତା ଗୁଡାରୀ ଏନ୍ଏସିରେ ଅନ୍ତର୍ଭୁକ୍ତ; ଏଣୁ ଆରଡି ଏହି କାମ କରିପାରିବ ନାହିଁ। 'ଆମେ ଗୁଡାରୀ ଏନଏସିକୁ ଏହି

● ହାତ ଝାଡ଼ିଦେଲେ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ

ରାସ୍ତା ନିର୍ମାଣ କାମ ଗ୍ରାମ୍ୟ ଉନ୍ନୟନ ବିଭାଜନ (ଆରଡି)କୁ ହସ୍ତାନ୍ତର କରାଯାଇଥିବା ବେଳେ ରାସ୍ତା ନିର୍ମାଣ କାମ ବାଇନାଗୁଡ଼ା ଛକ ପର୍ଯ୍ୟନ୍ତ ଶେଷ ପର୍ଯ୍ୟାୟ ପହଞ୍ଚିଛି। ଆଉ କିଛି ଅଂଶ ପିଚୁ ପଡିବା ବାକି ରହିଛି କିନ୍ତୁ ଏହି ରାସ୍ତା ବଂଶଧାରା ସେତୁଠାରୁ ଗୁଡାରୀ ମିନାଝୋଲା ଛକ ପର୍ଯ୍ୟନ୍ତ ମଧ ନିର୍ମାଣ ହେବାକୁ ଥିବା ବିଷୟରେ ଅବଗତ କରିଛୁ' ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଗୁଡାରୀ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କ ପଚାରିବାରୁ ସେ କହିଛନ୍ତି ଯେ ତାଙ୍କ ପାଖକୁ ଆରଡି ବିଭାଗ ତରଫରୁ କୌଣସି ଚିଠି ଆସିନି।

ସରକାର କୋଟି କୋଟି ଟଙ୍କା ଗମନାଗମନ ପାଇଁ ଖର୍ଚ୍ଚ କରୁଥିବା ବେଳେ



ଏଭଳି ଦୁଇ ବିଭାଗର ଅବହେଳାରେ ବଳି ପଡୁଛନ୍ତି ସାଧାରଣ ଜନତା। ଏହି ରାସ୍ତା ଏମିତି ଏକ ପରିସ୍ଥିତିରେ ରହିଛି ଯିଏ ବି ଦେଖିବ ଜାଣିପାରିବ। ଚାରିଚକିଆ ପଛର କଥା, ସାଇକଲ କି ସାଧାରଣ ଲୋକଟି ଚାଲିକି ଯିବା କଷ୍ଟସାଧ ହେଉଛି। ଆରଡି ବିଭାଗ କାମ ଆରମ୍ଭ କରିବା ସମୟରେ କୌଣସି ସର୍ତ୍ତ ରଖି ନ ଥିଲା। ତେବେ ରାସ୍ତା କାମ ଆରମ୍ଭ କରିବା ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଜନ କି ଠିକାଦାର ଜାଣି ନ ଥିଲେ କି କେଉଁଠାରୁ ଆରମ୍ଭ କେଉଁଠି ଶେଷ ବୋଲି ଚର୍ଚ୍ଚା ଚାଲିଛି। ଜଣେ ଜଣକୁ ଆକ୍ଷେପରେ ସୀମିତ କିନ୍ତୁ ରାସ୍ତା କାମ ଆଗକୁ ବଢ଼ିବାରେ ନାଁ ଧରୁନି। ଏହି କାମ ଅଳ୍ପ ଦିନରେ ଶେଷ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# କବୟିତ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ଶ୍ରଦ୍ଧାଞ୍ଜଳି ସଭା



ନବରଙ୍ଗପୁର,୮।୪(ସମିସ): ନବରଙ୍ଗପୁର ଭାଗୀରଥି ପାତ୍ର ସ୍ମୃତି ସଂସଦ ଏବଂ ଅଇଲି ବୋଲା ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ କବୟିତ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ବିୟୋଗରେ ସ୍ଥାନୀୟ ସାଇ କେୟାର ଶିକ୍ଷାନୁଷ୍ଠାନ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ବରିଷ୍ଠ କବି ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦୁର୍ଗା ପ୍ରସାଦ ପାଢ଼ୀ ମଞ୍ଚ ପରିଚାଳନା କରିଥିବାବେଳେ ରାମ ପ୍ରସାଦ ପାତ୍ର ପ୍ରାକ୍ ସୂଚନା ଦେଇଥିଲେ। ସଂଯୁକ୍ତା ଶକୁନ୍ତଳା ଓ ଶରତ ଚନ୍ଦ୍ର ତ୍ରିପାଠୀଙ୍କ ସନ୍ତାନ ଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ବଡ଼ ନାତୁଣୀ ଥିଲେ। ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ଆକାଶବାଣୀ ଜୟପୁରର ପ୍ରଥମ ମହିଳା ଗୀତିକାର, ଲେଖିକା ତଥା ଜଣେ ଜ୍ୟୋତିର୍ବିଦ୍ୟା ବିଶାରଦ ଥିଲେ। ଏହି ଅବସରରେ ସଂଯୁକ୍ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ତାଙ୍କ ଅମର ଆତ୍ମାଙ୍କ ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ସଂଯୁକ୍ତା ତ୍ରିପାଠୀଙ୍କ ନିଜସ୍ୱ ରଚିତ ଗୀତିକବିତା ସଂକଳନ 'ସ୍ୱର୍ଗାଦପି ଗରୀୟସୀ' ଲୋକାର୍ପିତ ହୋଇଥିଲା। ସଂଯୁକ୍ତାଙ୍କ ପରିବାରର ସଦସ୍ୟ ଆଦିତ୍ୟ ବିକ୍ରମ ତ୍ରିପାଠୀ ମଞ୍ଚାସୀନ ଥିଲେ। ଉପସ୍ଥିତ ସମସ୍ତ କବି, କବୟିତ୍ରୀ, ସଜ୍ଜନ ଓ ସଂଯୁକ୍ତା ତ୍ରିପାଠୀଙ୍କ ଆତ୍ମୀୟମାନଙ୍କୁ ସଂଯୁକ୍ତାଙ୍କ ପରିବାର ତରଫରୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସଂଯୁକ୍ତାଙ୍କ ରଚନାରୁ ଶ୍ରୀଗଣେଶ ବନ୍ଦନା କଣ୍ଠଶିଳ୍ପୀ ଟି. ନିବେଦିତା ଓ ଶ୍ରୀକୃଷ୍ଣ ଭଜନ କଣ୍ଠଶିଳ୍ପୀ କସ୍ତୁରୀ ରଥ ପରିବେଷଣ କରିଥିଲେ। ମୁନ୍ନା ତ୍ରିପାଠୀ, ଅବସରପ୍ରାପ୍ତ ଅଧ୍ୟାପକ ଡ. ବିଜୟ କୁମାର ମିଶ୍ର, ହର ପ୍ରସାଦ ଦାଶ, ନିରଞ୍ଜନ ମିଶ୍ର, ବିଜୟ ଚୌଧୁରୀ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଝରଣା ପଟ୍ଟନାୟକ, ପର୍ଶୁରାମ ସାହୁ, ସ୍ମୃତି ପଣ୍ଡା, ମନୋଜ ପଟ୍ଟନାୟକ, ଶିବ ଶଙ୍କର ତ୍ରିପାଠୀ, ଗୋପାଳ କୃଷ୍ଣ ପାଣିଗ୍ରାହୀ, ଶର୍ମିଷ୍ଠା ଦେଓ, ସଙ୍ଗୀତା ତ୍ରିପାଠୀ, ଗଣେଶ ଦାଶ, ତପନ ବିଷୋୟୀ, ରମଣୀ ରଞ୍ଜନ ତ୍ରିପାଠୀ, କପିଳ ଚନ୍ଦ୍ର ମହାନ୍ତି, କୃଷ୍ଣ ପ୍ରସାଦ ରଥ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ସିଦ୍ଧାର୍ଥ ଶଙ୍କର ବେହେରା, ଅଶୋକ ପଣ୍ଡା, ହରିଶ ବେହେରା ପ୍ରମୁଖ ଶ୍ରଦ୍ଧାସୁମନ ଜଣାଇ ସ୍ମୃତିଚାରଣ କରିଥିଲେ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଲେଖିଥିବା କବିତାଗୁଡ଼ିକ ବାସନ୍ତୀଲତା ଜେନା, ପି. ରବିକାନ୍ତ ରଘୁରାମ, ରୀତା ମହାନ୍ତି, ସୁଶୋଭିତା ମେରିଲିନ ତୁରୁକ, ପ୍ରଭଞ୍ଜନ ତ୍ରିପାଠୀ ପାଠ କରିଥିଲେ। ଆୟୋଜିତ ଏହି ସମସ୍ତ କାର୍ଯ୍ୟକ୍ରମକୁ ସ୍ୱର୍ଣ୍ଣଲତା ପଟ୍ଟନାୟକ, ତ୍ରିପତୀ ବାଲାଜୀ ସାହୁ, ପ୍ରଭଞ୍ଜନ ତ୍ରିପାଠୀ, ପି. ରବିକାନ୍ତ ରଘୁରାମ ଓ ସାଇ କେୟାର ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# ଗଞ୍ଜେଇ ଜବତ; ଜଣେ ଗିରଫ

ମାଲକାନଗିରି, ୮।୪(ସମିସ)



ମାଲକାନଗିରି ଜିଲ୍ଲା ଅବକାରୀ ବିଭାଗ ଦ୍ୱାରା ଗଞ୍ଜେଇ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସୋମବାର ସକାଳେ ମାଲକାନଗିରି ଜିଲ୍ଲା ଅବକାରୀ ଅଧୀକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ମାଥିଲି ଅବକାରୀ ଷ୍ଟେସନ ଓଆଇସି ପ୍ରଭାକର ସେଠୀ ଗୋବିନ୍ଦପାଲ୍ଲୀ ହାଟପଦା ସାହି ଛକଠାରେ ପାଟ୍ରୋଲିଙ୍ଗ କରୁଥିବା ସମୟରେ ଏକ ବୋଲେରୋ ଦ୍ରୁତ ଗତିରେ ଆସୁଥିଲା। ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ବାହାରିଥିଲା। ଗାଡ଼ି ସହ ସହ ଚାଳକଙ୍କୁ ଗିରଫ କରାଯିବା ସହ ଗଞ୍ଜେଇ ଜବତ କରାଯାଇଛି। ଏହାର ଓଜନ ୧୦୮ କେଜି ଜଣାପଡ଼ିଛି। ଅଭିଯୁକ୍ତ ଜଣକ ହେଉଛି ମାଥିଲି ଥାନା ବଡଡୁରାଲ ଗ୍ରାମର ଜୟରାମ ହନ୍ତାଳ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧,୦୮,୦୦୦ ଟଙ୍କା ବୋଲି କୁହାଯାଇଛି। ଅଭିଯୁକ୍ତ ଜୟରାମକୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ସୁରେନ୍ଦ୍ର ମାଝୀ, କନଷ୍ଟେବଲ କାହ୍ନୁଚରଣ ମଲ୍ଲିକ, ପ୍ରଭାତ କୁମାର ସାହୁ, ନିତ୍ୟରଞ୍ଜନ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

● ଓଡ଼ିଶା ପାଇଁ ଗୌରବ

# ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ସେମିଳିଗୁଡ଼ାରୁ ୪ ମନୋନୀତ

ସେମିଳିଗୁଡ଼ା,୮।୪(ସମିସ)

କୋରାପୁଟ ଜିଲ୍ଲା ସେମିଳିଗୁଡ଼ାର ୪ ଜଣ ଜାତୀୟ କରାଟେ ପ୍ରତିଯୋଗିତାକୁ ମନୋନୀତ ହୋଇ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଭୁବନେଶ୍ୱରରେ ଉତ୍କଳ କରାଟେ ସ୍କୁଲରେ ରବିବାର ଓଡ଼ିଶା



କରାଟେ ଆସୋସିଏସନ (ଓସକା) ଦ୍ୱାରା ଅନୁଷ୍ଠିତ ହୋଇଥିବା ରାଜ୍ୟ କ୍ୟାଡେଟ୍ ଓ ଜୁନିଅର ବର୍ଗ କରାଟେ ପ୍ରତିଯୋଗିତାରେ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସ୍ଥିତ ଉତ୍କଳ କରାଟେ ସ୍କୁଲର ୭ ଜଣ ଛାତ୍ର ଭାଗ ନେଇଥିଲେ। ଅଦିତି ପାଣିଗ୍ରାହୀ ବ୍ୟକ୍ତିଗତ କାଟା ଓ କୁମିତେରେ ୨ଟି ସ୍ୱର୍ଣ୍ଣ, ତୃପ୍ତିରାଣୀ ମହାନ୍ତି କୁମିତେରେ ଗୋଟିଏ ସ୍ୱର୍ଣ୍ଣ, ଦୀପ୍ତି ନାମଦେଓ କୁମିତେରେ ଗୋଟିଏ ସ୍ୱର୍ଣ୍ଣ, ଡାନିଏଲ ଜାନି କୁମିତେରେ ଗୋଟିଏ ରୌପ୍ୟ, ରୋହନ ଦୁରିଆ କୁମିତେରେ ଗୋଟିଏ କାଂସ୍ୟ, ତପସ୍ୱିନୀ ନାୟକ ଗୋଟିଏ ରୌପ୍ୟ, ଫାଇଟ୍ ଓ ଦଳ କଟାରେ ଅଦିତି ପାଣିଗ୍ରାହୀ, ତୃପ୍ତିରାଣୀ ମହାନ୍ତି, ଶ୍ରୁତିଶିଖା ସାହୁ, ତପସ୍ୱିନୀ ନାୟକ ରୌପ୍ୟ ପଦକ ଜିତିଛନ୍ତି। ସମସ୍ତ ସ୍ୱର୍ଣ୍ଣ ପଦକ ବିଜେତା ଡେରାଡୁନରେ ମେ' ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ୪ ଜଣ ଭାଗ ନେବାକୁ ଓସକା ଦ୍ୱାରା ମନୋନୀତ ହୋଇଛନ୍ତି। କରାଟେ ସଂଘର ସମ୍ପାଦକ ସେନସେଇ ଡ. ଗୌରୀ ମହାନ୍ତି, ସଭାପତି ସେନସେଇ ଡ. ହରି ପ୍ରସାଦ ପଟ୍ଟନାୟକ, କୋରାପୁଟ ଜିଲ୍ଲା କରାଟେ ସମିତିର ସମ୍ପାଦକ ସେନସେଇ ଦୁର୍ଗା ପ୍ରସାଦ ରଥ, ସେମିଳିଗୁଡ଼ା ଉତ୍କଳ କରାଟେ ସ୍କୁଲର ସଭାପତି ମନୋଜ ପଟ୍ଟନାୟକ ଓ କୋଚ୍ ସେନସେଇ ରାଜେନ୍ଦ୍ର କେଶରୀ ସାମଲ ଶୁଭେଚ୍ଛା ଜଣାଇଛନ୍ତି।

# ଏକମ୍ବା ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳିତ



ଜୟପୁର,୮।୪(ସମିସ)

ଜୟପୁର ବ୍ଲକ ଏକମ୍ବା ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପ୍ରବେଶ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଡ. ଜ୍ୟୋତ୍ସ୍ନା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଏକମ୍ବା ଗ୍ରାମପଞ୍ଚାୟତର ବାସିନ୍ଦା ରାମନାଥ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଏକମ୍ବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କେ.ଗୋପାଳ, ଏସ୍ଏମଡିସି କମିଟିର ସଭ୍ୟ ଲଇଚନ ହରିଜନ, ମୋ ସ୍କୁଲ ଅଭିଯାନର ଆଲୁମନି ସଭାପତି ସଞ୍ଜୟ ସୁଆର, ଘାସିରାମ ହରିଜନ, ଲଇଚନ ହରିଜନ ଓ ଅନ୍ୟାନ୍ୟ ଆଲୁମନି ସଦସ୍ୟ ଉପସ୍ଥିତ ଥିଲେ। ଦୀପ ପ୍ରଜ୍ୱଳନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ସଂସ୍କୃତ ପଣ୍ଡିତ ମନୋଜ କୁମାରମିଶ୍ର ବେଦପାଠ କରିଥିଲେ। ପ୍ରବେଶ ଉତ୍ସବରେ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ବିଭିନ୍ନ ପ୍ରକାରର ଝୋଟି, ଫୁଲ, କଳସ ଇତ୍ୟାଦି ଦ୍ୱାରା ନୂତନ ଭାବରେ ବିଦ୍ୟାଳୟର ନବମ ଶେଣୀର ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ଫାଟକ ପାଖରେ ଫୁଲ, ଚନ୍ଦନ, ସିନ୍ଦୂର ଦେଇ ସ୍ୱାଗତ କରି ବିଦ୍ୟାଳୟର ଶ୍ରେଣୀଗୃହକୁ ପାଛୋଟି ନେଇ ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା। ପରିଚାଳନା କମିଟିର ସଭାପତିଙ୍କ ଦ୍ୱାରା ସଭା ପରିଚାଳନା କରାଯାଇଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୂତନ ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ଭାଷଣ ତଥା ଏହି ଦିବସର ମହତ୍ୱ ବିଷୟରେ ଅଭିଭାଷଣ ରଖିଥିଲେ। ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏହି ଉତ୍ସବ ଆୟୋଜନରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବି. ନଳିନୀ କୁମାର, ଉମାରାଣୀ ସାହୁ, ରାଜଲକ୍ଷ୍ମୀ ପ୍ରିୟା ସାମନ୍ତରାୟ, ବୃନ୍ଦାବତୀ ଖରା, ଶୁଭଙ୍କର ଦାଶ ଓ କନିଷ୍ଠ ସହକାରୀ ବାଳଗୋପାଳ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରସନ୍ନ ପାଣିଗ୍ରାହୀ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଧର୍ମାନ୍ତରୀକରଣ ଅଶାନ୍ତି; ଆରକ୍ଷୀ ଅଧୀକ୍ଷକଙ୍କ ସମୀକ୍ଷା

**କଲ୍ୟାଣସିଂହପୁର,୮।୪(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡା ପଞ୍ଚାୟତର ଗୁରୁତୁଲି ଗାଁରେ ହିନ୍ଦୁ ଖ୍ରୀଷ୍ଟିଆନ ଧର୍ମକୁ ନେଇ ଅଶାନ୍ତି ସୃଷ୍ଟି ହୋଇଥିଲା। ଗ୍ରାମରେ ଉପୁଜିଥିବା ଧର୍ମାନ୍ତରୀକରଣ ବିବାଦକୁ ନେଇ ଘରଦ୍ୱାର ଭଙ୍ଗାରୁଜା ପର୍ଯ୍ୟନ୍ତ ପରିସ୍ଥିତି ଦେଖାଯାଇଥିଲା। ଗ୍ରାମରେ ପୁଲିସ ଛାଉଣିରେ ବିବାଦର ସମାଧାନ କରାଯିବାକୁ ଚେଷ୍ଟା କରାଯାଇଥିଲା। ସମାଧାନ ପାଇଁ ପୁଲିସ, ତହସିଲଦାର, ବ୍ଲକ ପ୍ରଶାସନର ମିଳିତ ବୈଠକ ମଧ ବିଫଳ ହେବାରୁ ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା, ବିଡ଼ିଓ ମନୀଷା ଦାସ, ତହସିଲଦାର ରଞ୍ଜନ ମାନସେଠ, ଏସଡିପିଓ ରଶ୍ମିରଞ୍ଜନ ସେନାପତି ସମେତ ଗ୍ରାମବାସୀ ଉପସ୍ଥିତ ରହି ଏକ ଶାନ୍ତି କମିଟି ଗଠନ କରିଥିଲେ। ହେଲେ ସୁଦ୍ଧା ଗ୍ରାମରେ ଶାନ୍ତି ଆସି ନଥିଲା। ଯାହାଫଳରେ ସୋମବାର ଜିଲ୍ଲା ଆରକ୍ଷୀ ଅଧିକାରୀ ହରିସ ବି.ସି ଉକ୍ତ ଗ୍ରାମରେ ପହଞ୍ଚି ଲୋକଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଗ୍ରାମବାସୀ ସମସ୍ତେ ମିଳିମିଶି ଚାଲିବୁ ବୋଲି ଆରକ୍ଷୀ ଅଧିକାରୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଥାନାଧିକାରୀ ନୀଳକଣ୍ଠ ବେହେରା ସୂଚନା ଦେଇଛନ୍ତି।

# ଓୟୁଜେର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ପ୍ରତିବାଦ



**ଜୟପୁର,୮।୪(ସମିସ):** ଉତ୍କଳ ସାମ୍ବାଦିକ ସଂଘ (ଓୟୁଜେ) ପକ୍ଷରୁ ବିଭିନ୍ନ ଦାବି ନେଇ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ଓୟୁଜେ ରାଜ୍ୟ ସଭାପତି ବିଭୂତିଭୂଷଣ କରଙ୍କ ନିର୍ଦ୍ଦେଶ କ୍ରମେ ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସଂଘ ସମନ୍ୱୟ ପ୍ରତିନିଧି ସାମ୍ବାଦିକ ସୁଦର୍ଶନ ପ୍ରଧାନଙ୍କ ନେତୃତ୍ୱରେ ଏହି ପ୍ରତିବାଦ କରାଯାଇଥିଲା। ସାମ୍ବାଦିକମାନଙ୍କ ୫ଟି ମୁଖ୍ୟ ଦାବି ନେଇ ଏହି ଧାରଣାରେ ଆଖିରେ କଳାକନା ବାନ୍ଧି ଅଭିନବ ଉପାୟରେ ଧାରଣା ପ୍ରଦର୍ଶନ କରିଥିଲେ। ଏଥିରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ବୟସ୍କ ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତା-ମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନସନ୍ତତିମାନଙ୍କୁ ସାମିଲ୍ କରିବା, ପ୍ରେସ୍ ଏକାଡେମୀ ଗଠନ କରିବା, ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହ ଜିଲ୍ଲା ଓ ରାଜ୍ୟସ୍ତରରେ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ ଭଳି ୫ଟି ଦାବି ପୂରଣ ପାଇଁ ପ୍ରତିବାଦ କରାଯାଉଛି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଏଭଳି ପ୍ରତିବାଦ ଜିଲ୍ଲାର ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରହିବ ବୋଲି ଉତ୍କଳ ସାମ୍ବାଦିକ ସଂଘର କୋରାପୁଟ ଜିଲ୍ଲାର ସଭାପତି କେ.ଶ୍ରୀନିବାସ ରାଓ ପ୍ରକାଶ କରିଛନ୍ତି। ଏହି ପ୍ରତିବାଦ ସଭାରେ ଓୟୁଜେର ସଦସ୍ୟ ଏସ୍ ସୁନ୍ଦରମ୍, ଟୁଟୁ ପଟ୍ଟନାୟକ, ବିଶ୍ୱଜିତ ପାଣିଗ୍ରାହୀ, ଭାନୁ ପ୍ରତାପ ନାୟକ, ରାମଚନ୍ଦ୍ର ନାୟକ, ନାଲା ସୁବାସ ପ୍ରମୁଖ ଉପସ୍ଥିତ ଥିଲେ।

